କାଳଜୟୀ ଗୀତିକାବ୍ୟ ଶ୍ରୀଗୀତଗୋବିନ୍ଦ

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ

ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ପ୍ରାଚୀ ଉପତ୍ୟକାରେ ବାଲିଅନ୍ତା ବ୍ଲକ୍‌ର କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଲାଭ କରିଥିବା ମହାନ୍ ସନ୍ଥକବି ଶ୍ରୀ ଜୟଦେବଙ୍କ 'ଗୀତଗୋବିନ୍ଦ'ର ଲାଳିତ୍ୟଭରା ସଂଗୀତ ସହିତ ନୃତ୍ୟ ଶ୍ରୀଜଗନ୍ନାଥଙ୍କର ପୂଜାପଦ୍ଧତିର ଏକ ଅଙ୍ଗ ଭାବେ ଚୋଡ଼ଗଙ୍ଗଙ୍କର (୧୦୭୭-୧୧୪୨) ପୁତ୍ର କାମାର୍ଣ୍ଣବ ଦେବ (୧୧୪୨-୧୧୫୭)ଙ୍କ ସମୟରୁ ପ୍ରଚଳିତ ହୋଇ ଆସିଅଛି । ଜୟଦେବଙ୍କ ଉତ୍କଳୀୟତ୍ୱ ସମ୍ବନ୍ଧରେ ସବୁ ବାଦାନୁବାଦର ଅବସାନ ହୋଇଅଛି । କେଦାରନାଥ ମହାପାତ୍ର, ଶ୍ରୀ ଅଜିତ୍ କୁମାର ତ୍ରିପାଠୀ, ସୁକୁମାର ସେନ, ସତ୍ୟ ନାରାୟଣ ରାଜଗୁରୁ, ଡୋନାଲଡ଼ସନ ଓ ଓ୍ୱିଷ୍ଟିରନିଟଙ୍କ ଭଳି ବହୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଗବେଷକମାନଙ୍କ ସ୍ପଷ୍ଟ ଅଭିମତ ଯେ, ଭକ୍ତକବି ଶ୍ରୀଜୟଦେବ ଉତ୍କଳୀୟ ଓ ତାଙ୍କଦ୍ୱାରା ରଚିତ 'ଶ୍ରୀଗୀତଗୋବିନ୍ଦ' ଜଗନ୍ନାଥ ପୂଜା ପଦ୍ଧତିର ସଂଗୀତାୟନ କାର୍ଯ୍ୟକ୍ରମର ଏକ ଅନନ୍ୟ ଅଙ୍ଗ ।

ଶ୍ରୀକ୍ଷେତ୍ରବାସୀ ଶ୍ରୀଜୟଦେବ ଉତ୍କଳର ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମଭକ୍ତ ଥିବା ବିଷୟ ମୈଥିଳି ପଣ୍ଡିତ ଶ୍ରୀଚନ୍ଦ୍ରଦତ୍ତ କୃତ ପ୍ରସିଦ୍ଧ 'ଭକ୍ତମାଳା' ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି । ମହାକବି ଜୟଦେବ ତାଙ୍କର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କର ସନ୍ତୋଷ ବିଧାନ ପାଇଁ ଶ୍ରୀଗୀତଗୋବିନ୍ଦ ରଚନା ନିମନ୍ତେ ନିଜକୁ ସମର୍ପଣ କରିଥିଲେ । ଏକଦା ଉପଯୁକ୍ତ ଶବ୍ଦ ବିନ୍ୟାସ ଦ୍ୱାରା ଏକ ଗୀତର ପାଦ ପୂରଣ କରିବା ପାଇଁ ଅସମର୍ଥ ହେବାରୁ ଶ୍ରୀକୃଷ୍ଣ ତାଙ୍କର ଅନୁପସ୍ଥିତି ସମୟରେ ଶ୍ରୀ ଜୟଦେବ ବେଶରେ ପର୍ଣ୍ଣକୁଟୀରରେ ପ୍ରବେଶ କରି ଏହି ପାଦ ପୂରଣ କରି ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ।

କେନ୍ଦୁବିଲ୍ୱ ଗ୍ରାମବାସୀ 'କବିରାଜ ଓ ରସରାଜ' ଶ୍ରୀ ଜୟଦେବ ଗୃହତ୍ୟାଗ କରି ସନ୍ନ୍ୟାସୀ ଭାବେ ଜୀବନଯାପନ କରୁଥିଲେ । କବିରାଜ ଶ୍ରୀ ଜୟଦେବ ସ୍ୱୀୟ ଅମରକୃତି 'ଶ୍ରୀଗୀତଗୋବିନ୍ଦ'ର ଶେଷ ସର୍ଗର ଶେଷାଂଶରେ ସ୍ୱ-ପିତା ଭୋଜଦେବ ଓ ମାତା ବାମାଦେବୀଙ୍କ ନାମ ଉଲ୍ଲେଖ କରିଛନ୍ତି ।

'ଶ୍ରୀ ଭୋଜଦେବ ପ୍ରଭବସ୍ୟ ବାମାଦେବୀ ସୁତ ଶ୍ରୀଜୟଦେବସ୍ୟ,
ପରାଶରଦି ପ୍ରିୟବର୍ଗ କଣ୍ଠେ ଶ୍ରୀଗୀତଗୋବିନ୍ଦ କବିତ୍ୱମସ୍ତୁ ।'
(ଶ୍ରୀଗୀତଗୋବିନ୍ଦ ଦ୍ୱାଦଶ ସର୍ଗ)

ଦିନେ ଜୟଦେବ ଘରଛାଡ଼ି ଶ୍ରୀକ୍ଷେତ୍ର ପଳାଇ ଆସିଥିଲେ । ପୁରୀ ବଡ଼ଦାଣ୍ଡ ବଟବୃକ୍ଷ ତଳେ ଜୟଦେବ ଆଶ୍ରୟ ନେଉଥିବା ବେଳେ ପଣ୍ଡିତ ଦେବଶର୍ମା ନିଜ ଦିବ୍ୟସୁନ୍ଦରୀ କନ୍ୟା ପଦ୍ମାବତୀଙ୍କୁ ନିଜ ସତ୍ୟ ରକ୍ଷା କରି ଦେବଦାସୀ ଭାବେ ଜଗନ୍ନାଥଙ୍କର ପାଦପଦ୍ମରେ ଅର୍ପଣ କଲେ । କିନ୍ତୁ, ସ୍ୱପ୍ନ ନିର୍ଦ୍ଦେଶ ଅନୁସାରେ 'କନ୍ୟାଙ୍କୁ ବଟବୃକ୍ଷ ତଳେ ବସିଥିବା ବ୍ରାହ୍ମଣ ଯୁବକଙ୍କୁ ଅର୍ପଣ କର ।' ଦେବଶର୍ମା ବିଭୁ ନିର୍ଦ୍ଦେଶରେ ଶ୍ରୀ ଜୟଦେବଙ୍କ ସହିତ ପଦ୍ମାବତୀଙ୍କୁ ବିବାହ କରାଇଥିଲେ ।

ଦିନେ ଶ୍ରୀକ୍ଷେତ୍ରବାସିନୀ ଏକ ମାଳିର କନ୍ୟା ବାଇଗଣ ବାଡ଼ିରେ ବାଇଗଣ ତୋଳିବା ସମୟରେ ଶ୍ରୀଗୀତଗୋବିନ୍ଦର ପଞ୍ଚମ ସର୍ଗର ଶ୍ଳୋକ-

'ନକୁରୁ ନିତମ୍ବିନି ଗମନ ବିଳମ୍ବନମନୁସର୍ ତଂ ହୃଦୟେଶମ୍,
ଧୀର ସମୀରେ ଯମୁନା ତୀରେ ବସତି ବନେ ବନମାଳୀ ।'

ମଧୁର କଣ୍ଠରେ ଗାନ କରିବାରେ ଲାଗିଲେ । ଏହି ଗୀତର ମଧୁର ମୂର୍ଚ୍ଛନାରେ ମୁଗ୍ଧ ହୋଇ ମହାପ୍ରଭୁ ଜଗନ୍ନାଥ ଅଲକ୍ଷିତ ଭାବରେ ଗୀତ ଶୁଣୁଶୁଣୁ ତାଙ୍କର ଝୀନ ବସନ ବାଇଗଣ କଣ୍ଟାରେ ଚିରିଗଲା । ମାଳିନୀ ବାଇଗଣ ତୋଳା ସାରି ଘରକୁ ଫେରି ଯିବାରୁ ମହାପ୍ରଭୁ ଶ୍ରୀମନ୍ଦିରରେ ବିଜେ ହେଲେ । ଶ୍ରୀଗୀତଗୋବିନ୍ଦର ଏପରି ମାହାତ୍ମ୍ୟ ହୃଦୟଙ୍ଗମ କରି ରାଜା ରାଜ୍ୟରେ ଡେଙ୍ଗୁରାପିଟି ନିର୍ଦ୍ଦିଷ୍ଟ ସମୟରେ ଉତ୍ତମ ସ୍ଥାନରେ ଓ

ଉପଯୁକ୍ତ ରାଗରେ ଶ୍ରୀଗୀତଗୋବିନ୍ଦ ଗାନ କରିବା ପାଇଁ ଘୋଷଣା କରିଥିଲେ ।

ଗୀତଗୋବିନ୍ଦ ହୁଏତ ପୃଥିବୀର କ୍ଷୁଦ୍ରତମ ମହାକାବ୍ୟ । ୧୨ ଗୋଟି ସର୍ଗ, ୨୪ ପ୍ରବନ୍ଧ, ୭୨ ପଦରେ ଏହା ସମାବିଷ୍ଟ । ଏହାର ସରସ, ସୁନ୍ଦର, ମନମୁଗ୍ଧକର ରଚନାଶୈଳୀ, କାନ୍ତ, କୋମଳ ପଦାବଳୀ ବିଶ୍ୱରେ ବହୁ ପଣ୍ଡିତଙ୍କର ଦୃଷ୍ଟି ଆକର୍ଷଣ କରିଛି ।

ଗୀତଗୋବିନ୍ଦର ପ୍ରତି ସର୍ଗ ଯେତିକି ସଂକ୍ଷିପ୍ତ, ସେତିକି ନିର୍ଦ୍ଦିଷ୍ଟ ରୀତିରେ ବର୍ଣ୍ଣାଢ୍ୟ ହୋଇପାରିଛି । ପ୍ରଥମ ସର୍ଗ ଦାମୋଦର କୃଷ୍ଣଙ୍କର ବସନ୍ତକାଳୀନ କେଳି ବର୍ଣ୍ଣନା, ଦ୍ୱିତୀୟ କୃଷ୍ଣଙ୍କ ପ୍ରତି ରାଧାଙ୍କର ଅଭିମାନ ବର୍ଣ୍ଣନା, ତୃତୀୟରେ କୃଷ୍ଣଙ୍କର ଉତ୍କଣ୍ଠା ଓ ବିରହ, ଚତୁର୍ଥ ସ୍ନିଗ୍ଧ ମଧୁସୂଦନରେ କୃଷ୍ଣଙ୍କ ପାଖେ ସଖୀମାନଙ୍କ ଦ୍ୱାରା ରାଧାଙ୍କର ବିରହ ବର୍ଣ୍ଣନା, ପଞ୍ଚମରେ ରାଧାଙ୍କ ପାଇଁ କୃଷ୍ଣଙ୍କର ବ୍ୟାକୁଳତା, ଷଷ୍ଠରେ ଧୃଷ୍ଟ ବୈକୁଣ୍ଠରେ ରାଧାଙ୍କର ବାସକସଜ୍ଜା, ସପ୍ତମରେ ନାଗର ନାରାୟଣରେ କୃଷ୍ଣ ଦର୍ଶନ ପାଇଁ ରାଧାଙ୍କର ବିଳାପ, ଅଷ୍ଟମରେ ବିଲକ୍ଷ ଲକ୍ଷ୍ମୀପତି କୃଷ୍ଣଙ୍କ ଆଗମନକୁ ରାଧାଙ୍କ କୋପ, ନବମ ମୁଗ୍ଧମୁକୁନ୍ଦ ରାଧାଙ୍କ କୋପ, ଶାନ୍ତିପାଇଁ ସଖୀଙ୍କ ସାନ୍ତ୍ୱନା, ଦଶମ ରାଧାଙ୍କ ମାନଭଞ୍ଜନ ପାଇଁ କୃଷ୍ଣଙ୍କ ଚାଟୁକ୍ତି, ଏକାଦଶରେ ସାନନ୍ଦ ଗୋବିନ୍ଦରେ ଅଭିସାରିକା ରାଧାଙ୍କ ବର୍ଣ୍ଣନା, ଦ୍ୱାଦଶରେ ସୁପ୍ରୀତି ପୀତାମ୍ବର ରାଧାକୃଷ୍ଣଙ୍କର ବସନ୍ତମିଳନ ବର୍ଣ୍ଣନା କରାଯାଇଛି ।

ଓଡ଼ିଶାର ସାହିତ୍ୟ ଓ ଶିଳ୍ପରେ ଶ୍ରୀଗୀତଗୋବିନ୍ଦର ଗଭୀର ପ୍ରଭାବ ପଡ଼ିଥିଲା । ଏହା ବେଶ୍ ଲୋକପ୍ରିୟତା ହାସଲ କରିଥିଲା । ତେଣୁ ପୁରାତନ ମଠ, ମନ୍ଦିର ଓ ରାଜନଗର ଏବଂ ଗ୍ରାମର ମିଳନ ପୀଠ ଭାଗବତ ଟୁଙ୍ଗୀଠାରୁ ଆରମ୍ଭ କରି ସମ୍ଭ୍ରାନ୍ତ ବ୍ରାହ୍ମଣ, ଖଣ୍ଡାୟତ ପରିବାରରେ ଶ୍ରୀ ଜଗନ୍ନାଥ ଦାସଙ୍କ ଭାଗବତ ପୋଥି ସହିତ ଗୀତଗୋବିନ୍ଦରୁ ଖଣ୍ଡିଏ ବା ଦୁଇଖଣ୍ଡ ନିଶ୍ଚୟ ରହିଥାଏ । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ 'ଶ୍ରୀଗୀତଗୋବନ୍ଦ ମାଧମରେ ଦଶାବତାର ଓଡ଼ିଶାରେ ବହୁଳ ଭାବେ ପ୍ରଚାରିତ ହୋଇଥିଲା' । ଓଡ଼ିଶାର ଚିତ୍ରକଳାରେ ଦଶାବତାର ବହୁଳ ଭାବେ ସ୍ଥାନ ପାଇବା ବ୍ୟତୀତ ଦଶାବତାର ଶାଢ଼ୀ, ଦଶାବତାର ମୁଦି, ଦଶାବତାର ମାଳ ଇତ୍ୟାଦି ବ୍ୟବହୃତ ହୋଇଥିବାର ଅନେକ ପ୍ରମାଣ ସାରଳା ସାହିତ୍ୟରୁ ମିଳେ ।

ଡକ୍ଟର ମାୟାଧର ମାନସିଂହଙ୍କ ମତରେ ଗୀତଗୋବିନ୍ଦ ଓଡ଼ିଶାର କଳା, ସମାଜ ଓ ସାହିତ୍ୟରେ ଯେପରି ଗଭୀର ଓ ବ୍ୟାପକ ପ୍ରଭାବ ପକାଇ ପାରିଛି, ତାହା ବୋଧହୁଏ ଭାରତର ଅନ୍ୟ କୌଣସି ଅଞ୍ଚଳରେ ଦେଖାଯାଏ ନାହିଁ । ଆନୁପ୍ରାସିକ ଭାଷା, ଶ୍ରୁତି ରସାୟନ ସଂଗୀତ ଓ ମନୋଜ୍ଞ ଯୌନ ସଂକେତମୟ ତରୁଣ ରାଧା-କୃଷ୍ଣ ପ୍ରେମ ଚିତ୍ରଣ ଏସବୁ ଗୀତଗୋବିନ୍ଦ ଓ ଚଉତିଶା ମଧ୍ୟରେ ଦେଖାଯାଏ ।

ଶ୍ରୀଗୀତଗୋବିନ୍ଦର ଓଡ଼ିଆ ପଦ୍ୟାନୁବାଦ ମଧ୍ୟରେ ଶ୍ରୀ ଧରଣୀଧରଙ୍କର ପଦ୍ୟାନୁବାଦ, ପ୍ରାଚୀନତମ, ବୈଷ୍ଣବ କବି ବୃନ୍ଦାବନ ଦାସ 'ଶ୍ରୀଗୀତଗୋବିନ୍ଦ'ର ଓଡ଼ିଆ ପଦ୍ୟାନୁବାଦର ନାମକରଣ କରିଛନ୍ତି 'ରାସବାରିଧି' । କବି ଦୀନକୃଷ୍ଣ ଦାସ ଦଶମ ସ୍କନ୍ଦ ଭାଗବତର ଗୋପଲୀଳା ଓ ଶ୍ରୀଗୀତଗୋବିନ୍ଦକୁ ଏକତ୍ର କରି 'ଅମୃତ ସାଗର ବୋଲି' ନାମକ ୪୫ ଛାନ୍ଦ ବିଶିଷ୍ଟ ଏକ ବୃହତ୍ ଗ୍ରନ୍ଥ ରଚନା କରିଥିଲେ । ଉଦ୍ଧବ ଦାସ, ଚୈତନ୍ୟ ଦାସ ଓ ରଘୁ ଦାସ 'ଶ୍ରୀଗୀତଗୋବିନ୍ଦ'ର ପଦ୍ୟାନୁବାଦ କରି ନିଜକୁ ଧନ୍ୟ ମନେ କରିଛନ୍ତି । ପଣ୍ଡିତ ଶ୍ରୀ ଜଗନ୍ନାଥ ମିଶ୍ର ଶ୍ରୀଗୀତଗୋବିନ୍ଦକୁ ଓଡ଼ିଆ ଗଦ୍ୟରେ ଅନୁବାଦ କରିଥିଲେ । ପ୍ରାଚୀନ ଓଡ଼ିଆ ଭାଷାରେ ଲିଖିତ ବହୁ କୃଷ୍ଣକାବ୍ୟରେ ମଧ୍ୟ ଶ୍ରୀଗୀତଗୋବିନ୍ଦର ପ୍ରଭାବ ଅନୁଭୂତ ହୋଇଥାଏ । ସେଥିମଧ୍ୟରୁ ଦୀନକୃଷ୍ଣ ଦାସକୃତ 'ରସକଲ୍ଲୋଳ' ଶିଶୁ ଶଙ୍କରଙ୍କ 'ଉଷାଭିଳାସ', ଦେବଦୁର୍ଲ୍ଲଭଙ୍କର ରହସ୍ୟମଞ୍ଜରୀ, ଭୂପତି ପଣ୍ଡିତକୃତ 'ପ୍ରେମ ପଞ୍ଚାମୃତ', ଦାଶରଥୀ ଦାସକୃତ 'ବ୍ରଜବିହାର' ଅନ୍ୟତମ ।

ସମାଜରେ ଶ୍ରୀଭାଗବତ ଓ ଶ୍ରୀଗୀତଗୋବିନ୍ଦ ପ୍ରଚାର ଓ ପ୍ରଭାବ ଯୋଗୁଁ ଅଳ୍ପ କେତେ ବର୍ଷ ମଧ୍ୟରେ ବିଷ୍ଣୁ-କୃଷ୍ଣ ପ୍ରତିମା ପରିବର୍ତ୍ତେ ଦ୍ୱିଭୂଜ ଗୋପୀନାଥ କୃଷ୍ଣଙ୍କ ପ୍ରତିମା ପୂଜା ପାଇଁ ଉତ୍କଳର ବିଭିନ୍ନ ସ୍ଥାନରେ ଶହ ଶହ ମନ୍ଦିର ନିର୍ମାଣ କରାଯାଇଥିଲା । ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ଓ ସଙ୍ଗୀତରେ ମଧ୍ୟ ଶ୍ରୀଗୀତଗୋବିନ୍ଦର ପ୍ରଭାବ ରହିଛି । ପ୍ରାଚୀନ ହିନ୍ଦୀ, ପଞ୍ଜାବୀ, ଗୁଜୁରାଟୀ, ଆସାମୀ, ମଣିପୁରୀ, ମରହଟ୍ଟୀ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, କେରଳ ଇତ୍ୟାଦି ସାହିତ୍ୟରେ ମଧ୍ୟ ଶ୍ରୀଗୀତଗୋବିନ୍ଦର ଯଥେଷ୍ଟ ପ୍ରଭାବ ରହିଛି ।

ଶ୍ରୀକ୍ଷେତ୍ରର ପଣ୍ଡିତମଣ୍ଡଳୀ ଦ୍ୱାରା ଶ୍ରୀଗୀତଗୋବିନ୍ଦର ଏହି ରାଜସଂସ୍କରଣ ଅନୁମୋଦିତ ହେବା ଦ୍ୱାରା ଏହା ଭାରତବର୍ଷରେ ପ୍ରସାର ଲାଭ କରିଥିଲା । ମହାନ୍ କବି ଶ୍ରୀଜୟଦେବଙ୍କୁ ତା' କୋଳରେ ଜନ୍ମ ଦେଇ ଓଡ଼ିଶା ମାଟି ଆଜି ଗର୍ବିତ । ଏହି ଏକବିଂଶ ଶତାବ୍ଦୀରେ ଜଗତିକରଣର ଘୂର୍ଣ୍ଣିବାତ୍ୟାରେ ଉଗ୍ର ଭୋଗବାଦର ତାଣ୍ଡବ ଲୀଳା ଚାଲିଥିବାବେଳେ ଆଧୁନିକ

ଭୋଗବାଦୀ ମଣିଷ ମନରୁ କଳାତ୍ମକ ମନୋଭାବ ଧୀରେ ଧୀରେ ବିସ୍ମୃତ ହୋଇଯାଉଛି । ଚଳଚ୍ଚିତ୍ରରେ ହିଂସା ଓ ନଗ୍ନତା ଭରା ଦୃଶ୍ୟମାନ, ଯୁବଗୋଷ୍ଠୀକୁ ବିପଥଗାମୀ କରୁଅଛି । ସଂସ୍କୃତିର ଏହି ସଂକଟ ମୁହୂର୍ତ୍ତରେ ଭକ୍ତିରସରେ ରସାୟିତ ଶ୍ରୀ ଜୟଦେବଙ୍କ ଲିଖିତ 'ଶ୍ରୀଗୀତଗୋବିନ୍ଦ'ର ଅଧିକ ଅଧ୍ୟୟନ ଓ ସେଥିରେ ବର୍ଣ୍ଣିତ ମାଧୁର୍ଯ୍ୟଭରା ଭାବଗୁଡ଼ିକ ନୃତ୍ୟ ସଂଗୀତରେ ବ୍ୟବହାରର ଯଥେଷ୍ଟ ଆବଶ୍ୟକତା ରହିଛି । ଏହାଦ୍ୱାରା ସାଂପ୍ରତିକ ସମୟର ଅପସଂସ୍କୃତିର ଧାରାକୁ ପ୍ରତିରୋଧ କରାଯାଇପାରିବ ବୋଲି ବିଶ୍ୱାସ ଆନନ୍ଦର କଥା ଯେ, ଓଡ଼ିଶା ସରକାରଙ୍କର ସଂସ୍କୃତି ବିଭାଗ ଦ୍ୱାରା ପ୍ରଚଳିତ 'ଜଗନ୍ନାଥାୟନ' - ସାଂସ୍କୃତିକ କାର୍ଯ୍ୟକ୍ରମ 'ଶ୍ରୀଗୀତଗୋବିନ୍ଦ'ର ଭକ୍ତିରସର ପ୍ରସାରରେ ସହାୟକ ହୋଇପାରୁଛି ।

ଗ୍ରନ୍ଥସୂଚୀ

୧. 'ଜୟଦେବ ଓ ଶ୍ରୀଗୀତଗୋବିନ୍ଦ', ଶ୍ରୀ କେଦାରନାଥ ମହାପାତ୍ର, ପ୍ରକାଶକ- ଗ୍ରନ୍ଥକର୍ତ୍ତା ୧୯୭୩ ।

୨. ଓଡ଼ିଆ ସାହିତ୍ୟରେ 'ଗୀତଗୋବିନ୍ଦ'ର ପ୍ରଭାବ - ଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଝଙ୍କାର ଦଶମ ସଂଖ୍ୟା, ୨୧ଶ ବର୍ଷ, ପୃ. ୯୬୧-୬୨ ।

୩. 'ଓଡ଼ିଆ ସାହିତ୍ୟର ଇତିହାସ' - ଡକ୍ଟର ମାୟାଧର ମାନସିଂହ, ପ୍ରଥମ ସଂସ୍କରଣ, ୧୯୬୭, ପୃ. ୧୪୬-୪୭ ।

୪. ଭକ୍ତକବି ଜୟଦେବ, ରଘୁନାଥ ପୃଷ୍ଟି, ପ୍ରାଚ୍ୟ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ, ୧୯୮୯ ।

ସହକାରୀ ସୂଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର